**ପାକିସ୍ତାନୀ ନାଗରିକଙ୍କ ଭିସା ସମ୍ପର୍କରେ ନିଷ୍ପତ୍ତି**

ଏପ୍ରିଲ 24, 2025

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସୁରକ୍ଷା ଉପରେ କ୍ୟାବିନେଟ କମିଟି ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ଜାରି ରଖି ଭାରତ ସରକାର ତୁରନ୍ତ ପ୍ରଭାବରେ ପାକିସ୍ତାନୀ ନାଗରିକମାନଙ୍କ ପାଇଁ ଭିସା ସେବା ସ୍ଥଗିତ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ପାକିସ୍ତାନୀ ନାଗରିକମାନଙ୍କୁ ଭାରତ ଦ୍ୱାରା ଜାରି କରାଯାଇଥିବା ସମସ୍ତ ବୈଧ ଥିବା ଭିସା 27 ଏପ୍ରିଲ 2025 ରୁ ବାତିଲ କରାଯାଇଛି।

ପାକିସ୍ତାନୀ ନାଗରିକଙ୍କୁ ଜାରି କରାଯାଇଥିବା ମେଡିକାଲ ଭିସା କେବଳ 29 ଏପ୍ରିଲ 2025 ପର୍ଯ୍ୟନ୍ତ ବୈଧ ରହିବ।

ବର୍ତ୍ତମାନ ଭାରତରେ ଥିବା ସମସ୍ତ ପାକିସ୍ତାନୀ ନାଗରିକଙ୍କୁ ସଂଶୋଧନ କରାଯାଇଥିବା ଅନୁଯାୟୀ ଭିସାର ଅବଧି ସମାପ୍ତ ହେବା ପୂର୍ବରୁ ଭାରତ ଛାଡିବାକୁ ହେବ।

ଭାରତୀୟ ନାଗରିକମାନଙ୍କୁ ପାକିସ୍ତାନକୁ ଯାତ୍ରା ନ କରିବା ପାଇଁ ପରାମର୍ଶ ଦିଆଯାଉଛି। ବର୍ତ୍ତମାନ ପାକିସ୍ତାନରେ ଥିବା ଭାରତୀୟ ନାଗରିକମାନଙ୍କୁ ମଧ୍ୟ ଯଥାଶୀଘ୍ର ଭାରତକୁ ଫେରିଆସିବାକୁ ପରାମର୍ଶ ଦିଆଯାଇଛି।

ନୂଆଦିଲ୍ଲୀ

ଏପ୍ରିଲ 24, 2025